# Akashvani, Sambalpur

## SAMBALPURI NEWS EVENING BULLETIN

**29 December 2025- 7.02 pm- 7.12 pm.**

*********************************************

୧- ଆରାବଳୀ ପର୍ବତମାଳା ବାବଦ୍ ଆଘର୍ ରାୟ ଉପ୍ରେ ରହିଦାଦେଶ୍ ଜାରି କଲେ ସୁପ୍ରିମ୍‌କୋର୍ଟ ।

୨- ରାଜ୍ୟସ୍ତରୀୟ ନିଯୁକ୍ତି ମେଳାଥି ଆଏବା କାଏଲ୍ ୧୧ ଟା ବିଭାଗ୍‌ର ନୂଆଁକରି ଚାକିରୀ ପାଇଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ବାଂଟ୍‌ବେ ମୁଖ୍ୟମନ୍ତ୍ରୀ ।

୩- ରାଜ୍ୟର୍ ସବୁ କୋର୍ଟ ନ କାର୍ଯ୍ୟକାରୀ ଭାଷା ଓଡ଼ିଆ ହେବାର୍ ଦର୍‌କାର୍- କହେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

- ସମ୍ବଲ୍‌ପୁର୍ ନ ନିଖିଳ ଓଡ଼ିଶା ଆଇନ୍‌ଜୀବୀ ସଂଘର୍ ୫୪ ନମ୍ବର୍ ବାର୍ଷିକ ସମ୍ମିଳନୀଥି ଦେଲେ ଯୋଗ ।

ଆଉର୍

୪- ବର୍‌ଗଡ଼୍ ଧନୁଯାତ୍ରା ନ ଆଏଜ୍ ପରିବେଷଣ୍ ହେଇଛେ ଗୋପୀମାନ୍‌କର୍ ଦହିବିକା ସହେତେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ।

ଆରାବଳୀ ପର୍ବତମାଳା-ସୁପ୍ରିମ୍‌କୋର୍ଟ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆରାବଳୀ ପର୍ବତମାଳା ନେଇକରି ଗଲା ୨୦ ତାରିଖ୍ ଦିନ ସୁପ୍ରିମ୍‌କୋର୍ଟ ଦେଇଥିବା ନିଜର୍ ନିର୍ଦ୍ଦେଶ୍ ଉପ୍‌ରେ ଆଏଜ୍ ରହିତାଦେଶ୍ ଜାରି କରିଛନ୍ । ପ୍ରଧାନ୍ ବିଚାର୍‌ପତି ସୂର୍ଯ୍ୟକାନ୍ତ ଆଉ ଜଷ୍ଟିସ୍ ଜେ.କେ. ମାହେଶ୍ୱରୀ ଆର୍ ଏ.ଜି. ମାସିହ ଙ୍କୁ ନେଇକରି ଗଠିତ୍ ଖଣ୍ଡପୀଠ ଗୁଟେ ନୂଆଁ ବିଶେଷଜ୍ଞ କମିଟି ଗଠନ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଇ କମିଟି ଆରାବଳୀ ପର୍ବତ୍‌ର ଫେର୍‌ଘାଏ ସଜ୍ଞା ନିରୂପଣ କର୍‌ବା । ସୁପ୍ରିମ୍‌କୋର୍ଟ କହିଛନ୍, ଆଘୋନୁ ଆରାବଳୀ ବାବ୍‌ଦେ କୋର୍ଟ ଯେନ୍ ସଂଜ୍ଞା ନିର୍ଦ୍ଧାରଣ୍ କରିଥିଲେ ସେବାବ୍‌ଦେ ଫଟିକ୍ ସୂଚ୍‌ନା ଚାହୁଁଛନ୍ । ଇ ବାବ୍‌ଦେ ସୁପ୍ରିମ୍‌କୋର୍ଟ କେନ୍ଦ୍ର ସର୍‌କାର୍ ଆଉ ରାଜସ୍ଥାନ୍, ଗୁଜୁରାଟ୍, ଦିଲ୍ଲୀ ଆଉ ହରିଆନାଥି ଜବାବ୍ ଦେବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଇ ପ୍ରସଙ୍ଗଥି କେନ୍ଦ୍ର ପରିବେଶ୍, ଜଙ୍ଗଲ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ୍ କହିଛନ୍ । ଆରାବଳୀ ଜଙ୍ଗଲ୍ ଇଲାକାର୍ ପୁନରୁଦ୍ଧାର୍ ଆର୍ ପରିବେଶ୍‌ଗତ ସ୍ଥିରତାକେ ଉନ୍ନତ୍ କର୍‌ବାର୍ ଲାଗି କେନ୍ଦ୍ର ସର୍‌କାର୍ ସବୁବେଲେ ଚେରେଷ୍ଟା ଜାରି ରଖିଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ସବୁଜ ଆରାବଳୀ ପଦକ୍ଷେପ୍ ନିଆଯିବାର୍ ସହେତେ ଗଛ୍ ଲଗାବାର୍ କାର୍ଯ୍ୟକ୍ରମ୍ ଜାରି ରହିଛେ । ଆରାବଳୀ ପର୍ବତ୍‌ର

ସୁରକ୍ଷା ଆଉ ସଂରକ୍ଷଣ୍ ସର୍କାର୍ଙ୍କର୍ ଦାୟିତ୍ୱ ବଲି ଶ୍ରୀ ଯାଦବ୍ କହିଛନ୍ । ଆରାବଲୀ ପର୍ବତ୍ର ଶହେ ମିଟର୍ ଉଚ୍ଚତାକେ ନେଇକରି ଦିଆଯାଇଥିବା ନୂଆଁ ପରିଭାଷା ବାବ୍ଦେ ସୁପ୍ରିମ୍କୋର୍ଟ ଇ ରାୟ ଶୁନେଇଥିଲେ ।

ନିଯୁକ୍ତି ମେଳା ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ଭୁବ୍ନେଶ୍ୱର୍ର ରେଲ୍ ଅଡ଼ିଟୋରିୟମ୍ ଠାନେ ଆଏବା କାଏଲ୍ ନିଯୁକ୍ତି ମେଳା ଆୟୋଜନ୍ ହେବା । ଇଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ୧୧ ଟା ବିଭାଗ୍ର ନୂଆଁକରି ଚାକିରୀ ପାଇଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ଦେବେ । ଇ ବାବ୍ଦେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍ଫୁ ସୂଚ୍ନା ମିଳିଛେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କେନ୍ଦୁଝର୍ ସର୍କିଟ୍ ହାଉସ୍ ଠାନେ ଶହେନୁ ଅଏତ୍କା ଲୁକ୍କର୍ ଅଭିଯୋଗ୍ର ଶୁଣାଣି କରିଛନ୍ । ମୁଖ୍ୟମନ୍ତ୍ରୀ ୩ ଦିନିଆ କେନ୍ଦୁଝର୍ ଗସ୍ତଥି ଯାଇକରି ଲୁକ୍କର୍ ଭିନ୍ ଭିନ୍ ସମସ୍ୟା ଶୁନ୍ବାର୍ ସହେତେ

ଇତାର୍ ସମାଧାନ୍ ଲାଗି ସର୍କାରୀ ପଦାଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଆଇନ୍ଜୀବୀ ସଂଘ ବାର୍ଷିକୀ ସମ୍ମିଳନୀ    ସମ୍ବଲ୍ପୁର୍ ସମ୍ବାଦଦାତା

ସମ୍ବଲ୍ପୁର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଲୟ ନ ୨ ଦିନିଆ ନିଖିଲ୍ ଓଡ଼ିଶା ଆଇନ୍ଜୀବୀ ସଂଘର୍ ୫୪ ନମ୍ବର୍ ବାର୍ଷିକୀ ସମ୍ମିଳନୀ ଆଏଜ୍ ଉଦ୍ଘାଟିତ୍ ହେଇଛେ । ଇଥି ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଯୋଗ୍ ଦେଇକରି କହିଛନ୍, ଜାତୀୟ ଶିକ୍ଷାନୀତି ଅନ୍ସାରେ ଶିକ୍ଷାର୍ ମାଧ୍ୟମ୍ ମାତୃଭାଷା ହେବାର୍ ଉଚିତ୍ । ଭାରତ୍ର ନ୍ୟାୟ ବ୍ୟବସ୍ଥାକେ ସାଧାରଣ୍ ଲୁକ୍କର୍ ପାଖିକେ ପୁହୁଁଚାବାର୍କେ ହେଲେ ମାତୃଭାଷାଥି କାମ୍ କର୍ବାର୍କେ ଅନୁରୋଧ୍ କରିଛନ୍ । ରାଜ୍ୟର୍ ସବୁ କୋର୍ଟ ନ କାର୍ଯ୍ୟକାରୀ ଭାଷା ଓଡ଼ିଆ ହେବାର୍ ଦର୍କାର୍ । ଭାଷାର୍ ପ୍ରତିବନ୍ଧକ୍ ଦୂର୍ ହେଲେ ହିଁ ସମାଜ୍ର ଶେଷ୍ ଧାଡ଼ି ନ ଥିବା ଲୁକେ ଉଚିତ୍ ନ୍ୟାୟ ପାଇପାର୍ବେ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ଇ ସମ୍ମିଳନୀଥି ଆଇନ୍ଜୀବୀଙ୍କର୍ ସୁରକ୍ଷା, କଲ୍ୟାଣ୍, ସଂସ୍ଥାଗତ ସୁଦୃଢ଼ତା, ସ୍ୱାସ୍ଥ୍ୟ ସୁରକ୍ଷା ଆର୍ ନ୍ୟାୟ ବାବଦ୍ ୫ ଟା ଦାବି ଉପ୍ରେ ଆଲୋଚନା ହେଇଛେ । ଇ କାର୍ଯ୍ୟକ୍ରମ୍ଥି କେନ୍ଦ୍ର

ଶିକ୍ଷାମନ୍ତ୍ରୀଙ୍କର୍ ସହେତେ ସମ୍ମାନିତ୍ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ମୁଖ୍ୟବକ୍ତା ଭାବେ ଲ କମିଶନ୍‌ର ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ ଉପସ୍ଥିତ୍ ଥିଲେ ।

ତ୍ରିରଙ୍ଗା ପଦଯାତ୍ରା          ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତ୍‌ର ସ୍ୱାଧୀନତା ଇତିହାସ୍ ଖାଲି ଆନ୍ଦୋଲନ୍‌ର ସଂଗ୍ରହ ନୁହେଁ, ଇଟା ହଜାର୍ ହଜାର୍ ବୀର ସନ୍ତାନଙ୍କର୍ ଆତ୍ମ ବଳିଦାନ୍ କଥା କହେସି ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ସମ୍ବଲ୍‌ପୁର୍ କୁଦୋପାଲି ଠାନେ ତ୍ରିରଙ୍ଗା ପଦଯାତ୍ରାଥି ସାମିଲ୍ ହେଇକରି ଶ୍ରୀ ପ୍ରଧାନ୍ କହିଛନ୍, ଇ ପବିତ୍ର ଜାଗାକେ ଗୁଟେ ବଡ଼ ସଂଗ୍ରାମୀ ଆଉ ସାଂସ୍କୃତିକ୍ ତୀର୍ଥ ଜାଗା ଭାବେ କର୍‌ବାର୍ ଲାଗି ସମ୍‌କର୍ ସହଯୋଗ୍ ଜରୁରୀ ଆଏ ।

(ଭଏସ୍ ଓଭର୍- କେନ୍ଦ୍ର ଶିକ୍ଷାମନ୍ତ୍ରୀ)

ଇ ଅବ୍‌ସରେ କୁଦୋପାଲି ପ୍ରାଇମେରୀ ସ୍କୁଲ୍ ନୁ ତ୍ରିରଙ୍ଗା ପଦଯାତ୍ରା ବାହାରିକରି ଶହୀଦ୍ ସ୍ମୃତି ସ୍ତମ୍ଭଥି ପୁହୁଁଚିଥିଲା । ଆଏବାକାଏଲ୍ ପାଲନ୍ ହେବାର୍‌କେ ଥିବା ଶହୀଦ୍ ଦିବସ୍‌ର ତୟାରି ଭାବେ ଇ ପଦଯାତ୍ରା କରାଯାଇଛେ । ଇତାର୍‌ସହେତେ ଶ୍ରୀ ପ୍ରଧାନ୍ କୁଦୋପାଲି ଠାନେ ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟନ୍ କରିଛନ୍ । କାର୍ଯ୍ୟକ୍ରମ୍‌ଥି ପଂଚାୟତିରାଜ୍ ମନ୍ତ୍ରୀ

ରବିନାରାୟଣ୍ ନାୟକ୍, ବର୍ଗଡ୍ ବିଧାୟକ୍ ଅଶ୍ୱିନୀ ଷଡ଼ଙ୍ଗୀ ପ୍ରମୁଖ୍ ଉପସ୍ଥିତ୍ ଥିଲେ ।

୧୮୫୭ ମସିହା ଡିସେମ୍ବର୍ ମାସ ୩୦ ତାରିଖ୍ରେ ଇଂରେଜ୍ମାନେ କୁଦୋପାଲି ଘାଟି ଉପ୍ରେ ଆକ୍ରମଣ୍ କରିଥିଲେ । ସେଦିନ୍ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କର୍ ଭାଇ ଛବିଳ ସାଏଙ୍କର୍ ସହେତେ ୫୭ ଝନ୍ ସଂଗ୍ରାମୀ ଶହୀଦ୍ ହେଇଥିଲେ । ଇଥି ୧୧ ଝନ୍ ସଂଗ୍ରାମୀ ଗିରଫ୍ ହେଇଥିବାର୍ ବେଲେ ୪ ଝନ୍କୁ ଫାଶୀ ଦଣ୍ଡ ଦିଆଯାଇଥିଲା ।

ପ୍ରବେଶ୍ ତୋରଣ ଆର୍ଏନ୍ୟୁ/ ସମ୍ବଲପୁର

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ସମ୍ବଲ୍ପୁର୍ ୫୩ ନମ୍ବର୍ ଜାତୀୟ ରାଜପଥ ସିନ୍ଦୁର୍ପଙ୍କ୍ ଛକେ ଗୁଟେ ପ୍ରବେଶ୍ ତୋରଣ୍ର ଲୋକାର୍ପଣ୍ କରିଛନ୍ । ବୀର ସ୍ୱାଧୀନତା ସଂଗ୍ରାମୀ ଛବିଳ ସାଏଙ୍କର୍ ସହେତେ ୫୭ ଝନ୍ ସହିଦଙ୍କର୍ ଗାଥା ତୋରଣଥି ଠାନ୍ ପାଇଛେ । ସହରର୍ ସବୁ ଦିଗେ ଖେପ୍ ଖେପ୍ କରି ଏନ୍ତା ତୋରଣ୍ ତିଆର୍ କରାଯିବା ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

ବର୍ଗଡ୍ ଧନୁଯାତ୍ରା ଆର୍ଏନ୍ୟୁ/ ସମ୍ବଲପୁର

ବର୍‌ଗଡ଼୍‌ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର୍ ୬ ନମ୍ବର୍ ଦିନେ ଆଏଜ୍ ଗୋପପୁର୍ ନ ଗୋପୀଙ୍କର୍ ଦହିବିକା ଆଉ ବସ୍ତ୍ରହରଣ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇତାର୍‌ସହେତେ ମଥୁରା ନଗରୀ ନ ରଙ୍ଗସଭା, ଆସନ୍ନ ଯୁଦ୍ଧ ପ୍ରସ୍ତୁତି, ରାଜନ୍ୟ ବର୍ଗଙ୍କର୍ ସାଙ୍ଗେ ଆଲୋଚନା, ପ୍ରଶାସନିକ ଅଧିକାରୀଙ୍କର୍ ସହେତେ ଜନତା ଦର୍‌ବାର୍ ଶଙ୍ଖଚୂଡ଼୍‌ଙ୍କୁ ଗୋପପୁରକେ ପଠାଯିବା । ଗଲାକାଏଲ୍ ୫ ନମ୍ବର୍ ଦିନେ ଧନୁଯାତ୍ରାଥି କଂସ ମହାରାଜ୍‌ଙ୍କର୍ ରାଜ୍‌ଦର୍‌ବାର୍‌ଥି ରାଜ୍ ଅତିଥି ଭାବେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ଯୋଗ୍ ଦେଇଥିଲେ ।

ଶ୍ରୀ କୃଷ୍ଣ ଆଉ ବଳରାମ୍‌ଙ୍କର୍ ଅପୂର୍ବ ଲୀଳାଥି ଗୋପପୁରବାସୀ ବିମୋହିତ ହେଇଥିଲେ । ଲକ୍ଷେଭାର ପଦ୍ମ ତୁଲ୍‌ବାର୍ ଲାଗି ଗୋପାଳ ବାଲକଙ୍କର୍ ସାଙ୍ଗେ କାଳିନ୍ଦୀ ହ୍ରଦକେ ଶ୍ରୀକୃଷ୍ଣ, ବଳରାମ୍ ଆସିଥିବାର୍ ବେଲେ କାଳୀୟ ନାଗ ଦଂଶନ କର୍‌ବାର୍‌କେ ଉଦ୍ୟମ୍ କରିଥିଲା । ଗୋପପୁର ନ ହେଇଥିବାର୍ କାଳିଆ ଦଲନ୍ ନାଟକ୍‌ଥି ସବୁ କଲାକାର୍‌ଙ୍କର୍ ଜୀବନ୍ତ ଅଭିନୟ ବହୁତ୍ ମନଛୁଆଁ ଥିଲା । ଆଏବା କାଏଲ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କଂସଙ୍କର୍ ରାଜ୍‌ଦରବାର୍‌ର ରାଜଅତିଥି ଭାବେ ଉପସ୍ଥିତ୍ ରହେବେ ବଲି ଜନାପଡ଼ିଛେ ।

ଧନୁଯାତ୍ରା ଅବ୍‌ସରେ ୧୧ ଦିନ୍‌ତକ୍ ବର୍‌ଗଡ଼୍ ସହର୍ 'ମଥୁରା' ଆଉ ଅମ୍ବାପାଲ୍ଲି ଇଲାକାକେ 'ଗୋପପୁର' କରାଯାଇଛେ ।

ଭୁବ୍‌ନେଶ୍ୱର୍ ତମାଣ୍ଡୋ-ସନ୍ତରଣାଗାରର ଏକ୍ସ

ଭୁବ୍‌ନେଶ୍ୱର୍ ତମାଣ୍ଡୋ ଠାନେ ଥିବା ଗଭର୍‌ମେଂଟ୍ କଲେଜ୍ ଅଫ୍ ଫିଜିକାଲ୍ ଏଜୁକେସନ୍ ନ ୨୫ ମିଟର୍ ଇନ୍‌ଡୋର୍ ସନ୍ତରଣାଗାରର ଉଦ୍‌ଘାଟିତ୍ ହେଇଛେ । ରାଜ୍ୟ କ୍ରୀଡ଼ା ଆଉ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଆଏଜ୍ ଇତାର୍ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ସେ କହିଛନ୍, ଇ ସନ୍ତରଣାଗାର ଜାତୀୟ ଆଉ ଅନ୍ତର୍ଜାତୀୟ ସ୍ତର୍‌ଥି ପ୍ରତିଯୋଗିତାର୍ ତୟାରି କର୍‌ବାର୍‌କେ ସନ୍ତରକ ମାନ୍‌କର୍ ଲାଗି ସାହାଜ୍ ହେବା ।

ସମ୍ବଲ୍‌ପୁରୀ ନାଟକ୍ ମହୋତ୍ସବ ଆର୍‌ଏନ୍‌ୟୁ / ସମ୍ବଲପୁର

ସମ୍ବଲପୁର୍ ଆରଣ୍ୟକ୍ ମଂଚ ଠାନେ ୨୮ ନମ୍ବର୍ ବୀର ସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ସମ୍ବଲ୍‌ପୁରୀ ନାଟକ୍ ପ୍ରତିଯୋଗିତା ଆଏଜ୍ ଉଦ୍‌ଯାପିତ ହେଉଛେ । ଉଦ୍‌ଯାପନୀ ସଞ୍ଚେ ଏଛେନ୍ ପ୍ରଦର୍ଶନୀ ନାଟକ୍ 'ଜୀବନ୍ ତାକର୍ ସ୍ୱାଧୀନତା ଆମର୍' (ମାଧୋ ସିଂ) ମଂଚସ୍ଥ ହେଉଛେ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ବୁଧବାର୍ ଦିନୁ ମୁଲ୍ ହେଇଥିବା ଇ ପ୍ରତିଯୋଗିତାଥି ୧୫ ଟା ନାଟ୍ୟ ଦଲ୍ ଭାଗ୍ ନେଇଥିବାର୍ ବେଲେ ୧୧ ଟା କ୍ଲବ୍ ତର୍‌ଫୁ ନାଟକ୍ ପରିବେଷଣ୍ କରାଯାଇଛେ ।

## ସମ୍ବଲ୍‌ପୁର୍ ଲୋକ୍‌ମହୋତ୍ସବ        ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଲୋକ୍‌ମହୋତ୍ସବ୍ ଆଏବା ଜାନୁଆରୀ ୪, ୫ ଆଉ ୬ ତାରିଖ୍ ୩ ଦିନ୍‌ତକ୍ ଅଇଁଠାପାଲି ପିଏଚ୍‌ଡ଼ି ପଡ଼ିଆ ନ ହେବା । ଜିଲ୍ଲା ସଂସ୍କୃତି ପରିଷଦ୍ ତର୍‌ଫୁ ଇ ମହୋତ୍ସବ୍ ଆୟୋଜନ୍ କରାଯାଉଛେ । ଇଥିର୍‌ଲାଗି ପରିଷଦ୍‌ର ଆଲୋଚନାଚକ୍ର ଉପସମିତି ତର୍‌ଫୁ ଆଏଜ୍ କୁଚିଣ୍ଡା ଆଉ ରେଢ଼ାଖୋଲ୍ ଠାନେ ଉପଖଣ୍ଡସ୍ତରୀୟ ଆଲୋଚନାଚକ୍ର ହେଇଯାଇଛେ ।

## ରେଲ୍ କର୍ମଚାରୀ ପୁରସ୍କୃତ        ଆର୍‌ଏନ୍‌ୟୁ/ ସମ୍ବଲପୁର

ସୁରକ୍ଷିତ୍ ଟ୍ରେନ୍ ଚଲାଚଲ୍ ଦିଗେ ଜୋର୍ ଦେଇକରି ନିଜର୍ ଦାୟିତ୍ୱ ଠିକ୍ ଭାବେ ତୁଲେଇଥିବା ୭ ଝନ୍ ଅଧିକାରୀ ଆଉ କର୍ମଚାରୀମାନ୍‌କୁ ସମ୍ବଲ୍‌ପୁର୍ ରେଲ୍ ଡିଭିଜନ୍ ତର୍‌ଫୁ ସମ୍ମାନିତ୍ କରାଯାଇଛେ । ସମ୍ବଲ୍‌ପୁର୍ ମଣ୍ଡଳ ରେଲ୍‌ପ୍ରବନ୍ଧକ ସୁବାସ ଚୌଧୁରୀ ଇ ଅଧିକାରୀ ଆଉ କର୍ମଚାରୀମାନ୍‌କୁ ପ୍ରମାଣ୍‌ପତ୍ର ଆଉ  ପୁରସ୍କାର୍ ଦେଇକରି ସମ୍ମାନିତ୍ କରିଛନ୍ ।

ଅଭିଯୋଗ୍ ଶୁଣାଣି ଶିବିର ସୁବର୍ଣ୍ଣପୁର/ ବୌଦ୍ଧ

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକଙ୍କର୍ ଯୁଗ୍ମ ଜନଶୁଣାଣି ଶିବିର ଆଏଜ୍ ହେଇଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ବୀର୍ମହାରାଜ୍ପୁର୍ ନ ବ୍ଲକ୍ ସ୍ତରୀୟ ମିଳିତ ଅଭିଯୋଗ୍ ଶୁଣାଣି ଶିବିର ହେଇଛେ । ଇଥି ୪୯ ଟା ଅଭିଯୋଗ୍ ଆସିଥିବାର୍ ବେଲେ ସେଥିର୍ଭିତ୍ରୁ ୩୬ ଟା ବ୍ୟକ୍ତିଗତ, ୧୩ ଟା ସାମୂହିକ୍ ଅଭିଯୋଗ୍ ରହିଥିଲା । ସବୁ ଅଭିଯୋଗ୍ ମାନ୍କର୍ ଧାରିଜ୍ ସମିଆ ଭିତ୍ରେ ସମାଧାନ୍ କର୍ବାର୍କେ ଜିଲ୍ଲାପାଲ୍ ନୃପରାଜ୍ ସାହୁ ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ବୌଦ୍ଧ କଂଟାମାଲ୍ ବ୍ଲକ୍ ଅଧୀନ୍ଥି ଥିବା ଲମ୍ବସରି ପଂଚାୟତ୍ କାର୍ଯ୍ୟାଳୟ ନ ଜନଶୁଣାଣି ଶିବିର ହେଇଯାଇଛେ । ଇଥି ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ୍ ଉପସ୍ଥିତ୍ ରହିକରି ଅଭିଯୋଗ୍ ମାନ୍କର୍ ସମାଧାନ୍ କରିଥିଲେ । ଶିବିର୍ଥି ମୋଟ୍ ୪୯ ଟା ଅଭିଯୋଗ୍ ଆସିଥିଲା ।

ନନ୍ଦନ୍କାନନ୍ -ଥାପ୍ନା ଦିବସ୍ ଆର୍ଏନ୍ୟୁ/ ସମ୍ବଲପୁର

ନନ୍ଦନ୍କାନନ୍ ପ୍ରାଣୀ ଉଦ୍ୟାନ୍ ଆଏଜ୍ ତାର୍ ୬୬ ନମ୍ବର୍ ଥାପ୍ନା ଦିବସ୍ ପାଲନ୍ କରୁଛେ । ଜଙ୍ଗଲ୍, ପରିବେଶ୍ ଆଉ

ଜଲ୍‌ବାୟୁ ପରିବର୍ତନ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପାର୍କ ନ ତିଆର୍ ହେଇଥିବା ନୂଆଁ ଖୁଆଡ଼ମାନ୍‌କର୍ ଲୋକାର୍ପଣ୍ କରିଛନ୍ । ଇତାର୍‌ସହେତେ ଉତର୍‌ପୂର୍ବ ପାନୋରାମା, କଲରାପତ୍‌ରିଆ ବାଘ୍ ଖୁଆଡ଼୍, ଉଦ୍ୟାନ କୃଷି ଶାଖା, ତୃଣଭୋଜି ପଶୁ ସଂରକ୍ଷିତ ସଂରକ୍ଷଣ୍ ସୁବିଧାର୍ ଉଦ୍‌ଘାଟନ୍ ହେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଆଏବା ୩ ଦିନ୍‌ତକ୍ ତାପମାତ୍ରାଥି ଖାସ୍ ନାଇଁ ବଦ୍‌ଲେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

ସୂଚ୍‌ନା ଅନ୍‌ସାରେ ଆଏବା କାଏଲ୍ ପହପହନୁ ସୁନ୍ଦର୍‌ଗଡ୍, କଲାହାଣ୍ଡି, କନ୍ଧମାଲ୍, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର୍, ଭଦ୍ରକ୍ ଆର୍ ବାଲେଶ୍ୱର୍‌ର ଗୁଟେ ଜୁଡ଼େ ଜାଗା ନ ଜବର୍ କୁହୁଡ଼ି ହେବା । ଝାର୍‌ସୁଗୁଡ଼ା ଆର୍ ଅନୁଗୁଲ୍ ଜିଲ୍ଲାର୍ କେତେ ଜାଗା ନ ଅଏତ୍‌କା ଶୀତ୍ ହେବା ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଗଲାକାଏଲ୍ ସବୁନୁ କମ୍ ତାପମାତ୍ରା ଫୁଲ୍‌ବାଣୀ ନ ୫ ଦଶ୍‌ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ୍ କରାଯାଇଛେ ।